# ଖୁଡ଼ିଗୁଡ଼ାରେ ସାହିତ୍ୟ ଅକାଦେମିର ଗ୍ରାମାଲୋକ




ବୋରିଗୁମ୍ମା,୨୯/୫(ଇମିସ): କେନ୍ଦ୍ର ସାହିତ୍ୟ ଅକାଦେମି ଓ କୋରାପୁଟ ସାହିତ୍ୟ ପରିବାର ମିଳିତ ଅନୁକୂଲ୍ୟରେ ବୋରିଗୁମ୍ମା ଖୁଡ଼ିଗୁଡ଼ାଠାରେ ଗ୍ରାମାଲୋକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟର ପ୍ରଚାରପ୍ରସାର ସହ ସାହିତ୍ୟକୁ ଗ୍ରାମାଞ୍ଚଳରେ ପହଞ୍ଚାଇବା ଲକ୍ଷ୍ୟରେ ଆୟୋଜିତ କାର୍ଯ୍ୟକ୍ରମର ସାହିତ୍ୟ ଅକାଦେମିର ଓଡ଼ିଆ ବିଭାଗ ଉପଦେଷ୍ଟା ପରିଷଦ ସଦସ୍ୟା ପ୍ରୀତିଧାରା ସାମଲ ଆବାହିକା ଥିଲେ। କୋରାପୁଟ ସାହିତ୍ୟ ପରିବାରର ଉପସଭାପତି ଅଧ୍ୟାପକ କବି ରବି ଶତପଥୀଙ୍କ ସହଯୋଗରେ ଆୟୋଜିତ ଏହି ସମାରୋହରେ ନବରଙ୍ଗପୁର, ବୋରିଗୁମ୍ମା, ଜୟପୁର କୋରାପୁଟର ଅନେକ ସାହିତ୍ୟାନୁରାଗୀ ଯୋଗଦେଇ ନିଜ ନିଜର କବିତା ଆବୃତ୍ତି କରିଥିଲେ। ବୋରିଗୁମ୍ମା ମହାବିଦ୍ୟାଳୟ ଅଧ୍ୟକ୍ଷ ଦାଶରଥି ଗୌଡ଼ଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବୋରିଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସାହିତ୍ୟ ଓ ସମାଜ ପରିପୂରକ ବୋଲି ଅତିଥିମାନେ ମତ ପ୍ରଦାନ କରିଥିଲେ। ଏଥିସହ ଗ୍ରାମାଲୋକ କାର୍ଯ୍ୟକ୍ରମ ଉଭୟ ପ୍ରବୀଣ ଓ ଯୁବ କବିଙ୍କ ମଞ୍ଚ ପ୍ରଦାନ କରି ଉତ୍ସାହିତ କରିଥିବା କହିଥିଲେ। ପାଞ୍ଚଟି ପର୍ଯ୍ୟାୟରେ ଆୟୋଜିତ କବିତା ପାଠୋତ୍ସବରେ ସାହିତ୍ୟିକ ନଳିନୀରଞ୍ଜନ ମିଶ୍ର, ଉଦୟଶଙ୍କର ଜାନି, ରଜତ ଷଡଙ୍ଗୀ, ପ୍ରମୋଦ ରାଉଳ, ରବି ଶତପଥି ସଭାପତିତ୍ୱ କରିଥିଲେ। ଅଧ୍ୟାପକ ସୁଧାଂଶୁଶେଖର ପଟ୍ଟନାୟକଙ୍କ ସମେତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏନ୍. ରାଜେଶ କୁମାର ମଞ୍ଚ ପରିଚାଳନା କରିଥିବା ବେଳେ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ସୌମେନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁନାମଧନ୍ୟ ଅନୁବାଦକ ବିଜୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସୁବାଷଚନ୍ଦ୍ର ହରିଜନ, ନାରାୟଣ ସଗର, ସରୋଜ ପ୍ରହରାଜ, ସତ୍ୟନାରାୟଣ ଆଚାରୀ, କୃଷ୍ଣଚନ୍ଦ୍ର ହୋତା, ବୈରାଗୀଚରଣ ସାହୁ, ଆଲୋକ ମହାରଣା, ସ୍ମୃତିକୁମାର ପଣ୍ଡା, ଅବିନାଶ ସାନ୍ତାପାତ୍ର, ମାନସ କର, ନାରାୟଣ ପାଣିଗ୍ରାହୀ, ରାଜେଶ ନାୟକ, ଅଶୋକ ଷଡଙ୍ଗୀ, ସଦାଶିବ ତ୍ରିପାଠୀ, ଆଶୁତୋଷ ବାରିକ, ମଧୁସୂଦନ ସ୍ୱାଇଁ, ଅଶୋକ କୁମାର ପଲେଇ, ମାନସୀ ରାଣୀ ମହାନ୍ତି, ଡୋଲି ନାୟକ, ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ଜାହ୍ନବୀ ପଣ୍ଡା, ସଂଯୁକ୍ତା ପଣ୍ଡା, ସାବିତ୍ରୀ ରାଣୀ ପ୍ରମୁଖ କବିତା ପାଠ କରିଥିଲେ।